# ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କେନ୍ଦ୍ରାପଡା

ସଂଖ୍ୟା ୨୩୪୨/ ଅ.ତା. ୨୩.୧୨.୨୦୨୪

ଫର୍ମ ସଂଖ୍ୟା. ୮(ରୁଲ୍ , ୩୧(କ), ୩୩(୧) ୫୧(୬) ଅନୁଯାୟୀ)

## ଜନସାଧାରଣଙ୍କ ଅଭିଯୋଗ ନିମନ୍ତେ ବିଜ୍ଞପ୍ତି

ଯେହେତୁ, ଓଡିଶା ସରକାର ନିମ୍ନଲିଖିତ ସ୍ଥାନୀୟ ଅଂଚଳରେ ସରକାରୀ ଭାଙ୍ଗ ଦୋକାନ (ତା.୦୧.୦୪.୨୦୨୫ ଠାରୁ ତା. ୩୧.୦୩.୨୦୨୬ ପର୍ଯ୍ୟନ୍ତ) ମଞ୍ଜୁରୀ କରିବା ନିମନ୍ତେ ପ୍ରସ୍ତାବ ରଖିଛନ୍ତି । ଯଦି ଏହି ପ୍ରସ୍ତାବ ଉପରେ ସ୍ଥାନୀୟ ଅଂଚଳରେ ବସବାସ କରୁଥିବା କୌଣସି ଜନସାଧାରଣଙ୍କର ଆପତି ଓ ଅଭିଯୋଗ ଥାଏ, ତା. ୦୨.୦୧.୨୦୨୫ ରିଖ ସୁଦ୍ଧା ପ୍ରେରଣ କରିବା ନିମନ୍ତେ ଆମନ୍ତ୍ରଣ କରାଗଲା । ଏହି ଅଭିଯୋଗ ପତ୍ର ନିମ୍ନଲିଖିତ ଠିକଣାରେ ପ୍ରେରଣ କରିବା ଓ ଉକ୍ତ ସମୟସୀମା ମଧ୍ୟରେ କିମ୍ବା ତା ପୂର୍ବରୁ ପହଂଚିଥିବା ଆବଶ୍ୟକ ଅଟେ । ଉକ୍ତ ସମୟସୀମା ପରେ କୌଣସି ଅଭିଯୋଗ ପତ୍ର ପ୍ରାପ୍ତ ହେଲେ ବିଚାରକୁ ନିଆଯିବ ନାହିଁ ।

ଜିଲ୍ଲାପାଳ, କେନ୍ଦ୍ରାପଡା

| ଦୋକାନର ନାମ | କ୍ରମିକ ସଂଖ୍ୟା | ଦୋକାନର ଖୋଲିବା ପାଇଁ ପ୍ରସ୍ତାବର ସ୍ଥାନ | ଖାସ ଦଖଲ ଅଂଚଳର ବିବରଣୀ |
|---|---|---|---|
| ଚଉଦକୁଲାଟ ଭାଙ୍ଗ ଦୋକାନ | ୧ | ଗ୍ରାମ-ଚଉଦକୁଲାଟ, ଗ୍ରାମ ପଂଚାୟତ- ଚନ୍ଦନପୁର , ଥାନା-ପଟ୍ଟାମୁଣ୍ଡାଇ | ଦୋକାନର ନିଜସ୍ୱ ଅବସ୍ଥିତି |
| କେନ୍ଦ୍ରାପଡା ଟାଉନ ଭାଙ୍ଗ ଦୋକାନ | ୨ | ଗ୍ରାମ- କେନ୍ଦ୍ରାପଡା ପୌରାଂଚଳ, ଥାନା- କେନ୍ଦ୍ରାପଡା ଟାଉନ | ଦୋକାନର ନିଜସ୍ୱ ଅବସ୍ଥିତି |
| ଘଣ୍ଡୋଳ ଭାଙ୍ଗ ଦୋକାନ | ୩ | ଗ୍ରାମ-ଘଣ୍ଡୋଳ, ଗ୍ରାମ ପଂଚାୟତ- ଘଣ୍ଡୋଳ, ଥାନା- କେନ୍ଦ୍ରାପଡା ସଦର | ଦୋକାନର ନିଜସ୍ୱ ଅବସ୍ଥିତି |
| ଇନ୍ଦୁପୁର ଭାଙ୍ଗ ଦୋକାନ | ୪ | ଗ୍ରାମ-ଇନ୍ଦୁପୁର, ଗ୍ରାମପଂଚାୟତ-ଇନ୍ଦୁପୁର, ଥାନା-ନିକିରାଇ | ଦୋକାନର ନିଜସ୍ୱ ଅବସ୍ଥିତି |
| ବରହମପୁର ଭାଙ୍ଗ ଦୋକାନ | ୫ | ଗ୍ରାମ-ବରହମପୁର, ଗ୍ରାମ ପଂଚାୟତ- ଗରଦପୁର , ଥାନା-ପାଟକୁରା | ଦୋକାନର ନିଜସ୍ୱ ଅବସ୍ଥିତି |
| ମାର୍ଶାଘାଇ ଭାଙ୍ଗ ଦୋକାନ | ୬ | ଗ୍ରାମ-କୁଣ , ଗ୍ରାମ ପଂଚାୟତ-ମାର୍ଶାଘାଇ, ଥାନା-ମାର୍ଶାଘାଇ | ଦୋକାନର ନିଜସ୍ୱ ଅବସ୍ଥିତି |
| ପଟ୍ଟାମୁଣ୍ଡାଇ ଭାଙ୍ଗ ଦୋକାନ | ୭ | ଗ୍ରାମ-ପଟ୍ଟାମୁଣ୍ଡାଇ, ୱାର୍ଡ ନମ୍ବର ୧୯ ପଟ୍ଟାମୁଣ୍ଡାଇ ପୌରାଚଂଳ, ଥାନା-ପଟ୍ଟାମୁଣ୍ଡାଇ ଟାଉନ | ଦୋକାନର ନିଜସ୍ୱ ଅବସ୍ଥିତି |
| ରାଜନଗର ଭାଙ୍ଗ ଦୋକାନ | ୮ | ଗ୍ରାମ- ରାଜନଗର, ଗ୍ରାମପଂଚାୟତ- ରାଜନଗର, ଥାନା-ରାଜନଗର | ଦୋକାନର ନିଜସ୍ୱ ଅବସ୍ଥିତି |
| ଓଳାଭର ଭାଙ୍ଗ ଦୋକାନ | ୯ | ଗ୍ରାମ-ଓଳାଭର, ଗ୍ରାମ ପଂଚାୟତ- ଓଳାଭର, ଥାନା-ରାଜକନିକା | ଦୋକାନର ନିଜସ୍ୱ ଅବସ୍ଥିତି |
| ଆଳି ଭାଙ୍ଗ ଦୋକାନ | ୧୦ | ଗ୍ରାମ-ଦେମାଳ, ଗ୍ରାମ ପଂଚାୟତ- ଦେମାଳ, ଥାନା- ଆଳି | ଦୋକାନର ନିଜସ୍ୱ ଅବସ୍ଥିତି |

ଜିଲ୍ଲାପାଳ, କେନ୍ଦ୍ରାପଡା

ପରିପତ୍ର ସଂଖ୍ୟା...୨୩୪୩.../ ଅ.ତା...୨୩.୧୨.୨୦୨୪

ଏହାର ନକଲ ସ୍ଥାନୀୟ ଅବକାରୀ ଉପ- ନିରିକ୍ଷକ, ସମ୍ପୃକ୍ତ ଅବକାରୀ ଷ୍ଟେସନ/ ଅବକାରୀ ନିରିକ୍ଷକ, କେନ୍ଦ୍ରାପଡା/ ପଟ୍ଟାମୁଣ୍ଡାଇ ଚାର୍ଜଙ୍କ ନିକଟକୁ ପ୍ରେରଣ କରି ନିର୍ଦ୍ଦେଶ ଦିଅଯାଉଅଛି ଯେ ଏହାର ନକଲ ଦୋକାନ ଖୋଲାଯିବା ନିମନ୍ତେ ପ୍ରସ୍ତାବିତ ଥିବା ଅଂଚଳରେ ଲଗାଇବେ । ଏହା ବ୍ୟତିତ ଏହି ବିଜ୍ଞପ୍ତିକୁ ଢ଼ୋଲ ବାଦଣ କିମ୍ବା ଅନ୍ୟ ଯେ କୌଣସି ସୁବିଧା ଉପାୟରେ ଜନସାଧାରଣଙ୍କ ଜାଣିବା ନିମନ୍ତେ ଜାରି କରିବେ । ଏହାର ଗୋଟିଏ ନକଲରେ ସ୍ଥାନୀୟ ଜନସାଧାରଣଙ୍କର ଦସ୍ତଖତ ଆନି ଅତ୍ର କାର୍ଯ୍ୟାଳୟକୁ ବିଜ୍ଞପ୍ତି ଜାରିହୋଇଥିବା ପ୍ରମାଣ ସ୍ୱରୂପ ପ୍ରେରଣ କରିବେ । ଏହା ବ୍ୟତୀତ ସ୍ଥାନୀୟ ଅଂଚଳରେ ବ୍ୟାପକ ପ୍ରଚାର ନିମନ୍ତେ ଯଥା ସମ୍ଭବ ଚେଷ୍ଟା କରିବେ । ଜାରି ହୋଇଥିବା ମୂଳ ବିଜ୍ଞପ୍ତି ସହିତ ଦୁଇକିତା । ନକଲ ବା ଜେରକ୍ସ ଅତ୍ର କାର୍ଯ୍ୟାଳୟକୁ ପ୍ରେରଣ କରିବେ ।

ଏହାର ଏକକିତା ନକଲ ସମସ୍ତ ସମ୍ପୃକ୍ତ ଚେୟାରପରସନ, ପଂଚାୟତ ସମିତି, ଏନ.ଏ.ସି. ସରପଂଚ (ସ୍ଥାନୀୟ ଅବକାରୀ ଅଧିକାରୀଙ୍କ ମାଧମରେ) ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଉପଜିଲ୍ଲାପାଳ, କେନ୍ଦ୍ରାପଡା/ ଅବକାରୀ ଆୟୁକ୍ତ, ଓଡିଶା, କଟକ /ଅବକାରୀ ଉପ-ଆୟୁକ୍ତ (ପୂର୍ବାଂଚଳ, ଓଡିଶା,କଟକ / ଆରକ୍ଷୀ ଅଧିକ୍ଷକ, କେନ୍ଦ୍ରାପଡା ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ, କେନ୍ଦ୍ରାପଡାଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ NIC ଏବଂ ଜିଲ୍ଲା **e-Governance Manager (DeGM)**, ଅଧିକାରୀ, କେନ୍ଦ୍ରାପଡାଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବ୍ୟାପକ ପ୍ରଚାର ପାଇଁ **ଏହାକୁ ଜିଲ୍ଲା ୱେବସାଇଟରେ ରଖିବାକୁ ତାଙ୍କୁ ଅନୁରୋଧ କରାଯାଇଛି।**

ଏହାର ନକଲ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଜ୍ଞାପନ ବୋର୍ଡର ସଂଲଗ୍ନ କରାଗଲା ।

[signature]

ଜିଲ୍ଲାପାଳ, କେନ୍ଦ୍ରାପଡା